# ବାଲେଶ୍ୱର ପୌରପରିଷଦ,ବାଲେଶ୍ୱର

Tel No-06782-251267(O)

E-Mail-balasoremunicipality@rediffmail.com


ସଂଖ୍ୟା: ୯୯୭

ତା: ୧୯.୦୨.୨୦୨୫ ରିଖ

ଏତଦ୍‌ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମ (୩ବର୍ଷ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାଇ ଆବେଦନ ସମୟ ସୀମା ତା :୨୧.୦୨.୨୦୨୫ ରିଖ ରୁ ତା: ୦୬.୦୩.୨୦୨୫ ରିଖ ସମୟ ୦୫:୦୦ ଘଟିକା ପର୍ଯ୍ୟନ୍ତ ରଖାଯାଇ ଅଛି ।ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା: ୨୧.୦୨.୨୦୨୫ ରିଖ ଠାରୁ ତା: ୦୬.୦୩.୨୦୨୫ ରିଖ ମଧ୍ୟରେ ପୌର ପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମକ୍ରୟ କରି ଅପରାହ୍ନ ୦୫:୦୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୦୭।୦୩।୨୦୨୫ ରିଖ ସକାଳ୧୧:୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ପ୍ରତ୍ୟେକ ଉତ୍ସ ଗୁଡ଼ିକର ନାମ ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ପାଇବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ଉପୋରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଟେଣ୍ଡର କମିଟି ଦ୍ୱାରା ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି। ନିମ୍ନରେ ଦର୍ଶା ଯାଇଥିବା ପ୍ରତ୍ୟକ ଉତ୍ସଗୁଡିକ ସମୁଖରେ, ଉତ୍ସନୁସାରେ ସାରାଂଶ କୁ ଧ୍ୟାନରେ ରଖି ଟେଣ୍ଡରଦାତା ମାନେ ଟେଣ୍ଡର ଦାଖଲ କରିବେ । ତ୍ରୁଟିପୂର୍ଣ ଟେଣ୍ଡର, ଅନୁଧ୍ୟାନ ପରେ କମିଟି ଦ୍ୱାରା ବିଚାରାଧିନ ଗୃହିତ କରାଯିବ ନାହିଁ ।

| କ୍ର . ସଂଖ୍ୟା | ଉତ୍ସଗୁଡ଼ିକରନାମ | ସମୟଅବଧି | ବାର୍ଷିକ ସର୍ବନିମ୍ନମୂଲ୍ୟ ଟଙ୍କାରେ (Excluding GST) | ଟେଣ୍ଡରଦାତାମାନେ ତାଙ୍କର ସର୍ବୋଚ୍ଚ ମୂଲ୍ୟ (Excluding GST) କରି ଦାଖଲ କରିବେ | ୧୮ % GST ମୂଲ୍ୟଟଙ୍କାରେ (ଏହା ଟେଣ୍ଡର ରେ ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯିବ |
|---|---|---|---|---|---|
| (୧) | ବାରବାଟୀ କଲ୍ୟାଣମଣ୍ଡପ, (ୱାର୍ଡ ନଂ ୨୫) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୫,୦୦,୦୦୦/- | | |
| (୨) | ଶାନ୍ତିକାନନହତାମଧ୍ୟରେଥିବାନଡ଼ିଆଗଛରଫଳ,ଗୋପବନ୍ଧୁପାର୍କହତାମଧ୍ୟରେଥିବାନଡ଼ିଆଗଛରଫଳ, ପୌରପାଳିକାହତାମଧ୍ୟରେଥିବାନଡ଼ିଆଗଛରଫଳ | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୩୦,୦୦୦/- | | |
| (୩) | ହରଚନ ପୋଖରୀ (ୱାର୍ଡ ନଂ ୦୫) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୩୦,୦୦୦/- | | |
| (୪) | ଚନ୍ଦରାଗଡି ପୋଖରୀ (ୱାର୍ଡ ନଂ ୧୫) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୪୦,୦୦୦/- | | |
| (୫) | ଶାନ୍ତିକାନନ ପୋଖରୀ (ୱାର୍ଡ ନଂ 15) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୩୦,୦୦୦/- | | |
| (୬) | ନୂଆ ପୋଖରୀ ଆଡି (ୱାର୍ଡ ନଂ ୧୬) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୪୦,୦୦୦/- | | |
| (୭) | ସୋଭାରାମପୁର ପୋଖରୀ (ୱାର୍ଡ ନଂ ୨୦) | ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ | ୨୫,୦୦୦/- | | |

## ସର୍ତ୍ତାବଳୀ (ପୋଖରୀ/ କଲ୍ୟାଣ ମଣ୍ଡପ/ ନଡିଆ ଗଛ ନିମନ୍ତେ)

### CERTAIN TERMS & CONDITIONS WITH REQUIRED DOCUMENTS TO BE SUBMITTED BY THE AUCTIONER/TENDERERS

୧- ପୋଖରୀ ଓ ନଡିଆ ଗଛ ପାଇଁ ୫୦୦/- ଟଙ୍କା ତଥା କଲ୍ୟାଣ ମଣ୍ଡପ ପାଇଁ ୧,୦୦୦/- ଟଙ୍କା ଜମା କରି ଆବେଦନ କରିବାକୁ ଚାହୁଁଥିବାବ୍ୟକ୍ତି ପୌରପାଳିକାରୁ ନିର୍ଦ୍ଧାରିତ ଦିନ ମଧ୍ୟରେ ଫର୍ମ କ୍ରୟ କରି ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଆବେଦନ କରିପାରିବେ ।

୨- ଉପରୋକ୍ତ ଉତ୍ସ ଗୁଡ଼ିକର ଆଗାମୀ ସମୟ ସୀମା ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଯାହାକି (Excluding GST) ଆକାରରେ ଲିପିବଦ୍ଧ କରି ସମ ପରିମାଣରେ ଜମା ଏକକାଳୀନ ଭାବେ ଏକ ବର୍ଷର ପରିମାଣ/ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର କାଗଜ ଆଦି ସହ ଦାଖଲ କରିବା ହେବେ । ନଚେତ ତାଙ୍କର ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୩- ପୌରପାଳିକାର ପୂର୍ବରୁ ପଟ୍ଟାଧାରୀ ନେଇଥିବା ବ୍ୟକ୍ତି /ସଂସ୍ଥା ଯଦି ପୂର୍ବ ନିଲାମର ରାଶି ପଇଠ କରିଥିବାର ଅବହେଳା କରିଥିବେ ତେବେ ସେହି ବ୍ୟକ୍ତି /ସଂସ୍ଥା ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ ।

୪- ଆଗ୍ରହୀ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ ରେଜିଷ୍ଟ୍ରି ଡାକ /ସ୍ପିଡ ପୋଷ୍ଟ କିମ୍ବା ପୌରପାଳିକାରେ ଥିବା ଟେଣ୍ଡର ବାକ୍ସରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଡାକ ଯୋଗେ ବିଳମ୍ବ ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫- ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉତ୍ସ ପାଇଁ ଆବେଦନ କରିଥିବେ ତାହା ଉଲ୍ଲେଖ କରିବା ହେବେ । ପ୍ରତ୍ୟେକ ଉତ୍ସ ପାଇଁ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ । ନଚେତ ଦରଖାସ୍ତ ଖାରଜ କରାଯିବ ।

୬- ଅସଫଳ ଟେଣ୍ଡରଦାତା ମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟ ପୌର ପାଣ୍ଠିରେ ଜମା ପୂର୍ବକ ସମପରିମାଣରେ ଅର୍ଥ ଜମାକାରୀଙ୍କୁ ଚେକ/RTGS ମାଧ୍ୟମରେ ଫେରସ୍ତ କରାଯିବ । ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି /ସଂସ୍ଥା କୁ ଆଗାମୀ ୦୧.୦୪.୨୦୨୫ ରୁ ୩୧.୦୩.୨୦୨୮ ନିମନ୍ତେ ପଟ୍ଟାଧାରୀ ଦିଆଯିବାକୁ ବିଚାର କରାଯାଇପାରେ ।

୭- ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟାଧାରୀ ପାଇବାର ଭାରତ ସରକାର କିମ୍ବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣିତ ନିୟମାବଳୀକୁ ସମୁଚିତ ଭାବରେ ପାଳନ କରିବା ହେବେ । ଯଦି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ପଟ୍ଟାଧାରୀ ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ରାଶିକୁ ବିନା ସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ ପୌରପାଳିକା କର୍ତ୍ତୃତ୍ୱାଧୀନ କରାଯିବ ।

୮- କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ

୯-ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ କୁ ଗ୍ରହଣ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର କୁ ରଦ୍ଦ କରିବାରେ କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରିବାପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୦. ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଆବେଦନ ଫର୍ମ କ୍ରୟ କରିବା ସମୟରେ ସେମାନେ ସେମାନଙ୍କର ଚଳିତ ବର୍ଷର ଗୃହ ଟିକସ ରସିଦ ପଇଠ କରିବା ବାଧ୍ୟ ହେବେ ।

୧୧. ଟେଣ୍ଡର ଦାତା ମାନେ ସେମାଙ୍କର ଆବେଦନ ଲଫଫା (Envelope) ରେ ତାଙ୍କର ସର୍ବୋଚ୍ଚ ମୂଲ୍ୟ ଆବେଦନ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍ଟ (In the name of Executive Officer, Balasore Municipality), ଆଧାର, ଗୃହ ଟିକସ ପଇଠ ରସିଦ, ପାନ କାର୍ଡ (ଯଦି ଥାଏ), ଏବଂ ପଞ୍ଜୀକୃତ ସାର୍ଟିଫିକେଟ( In case of ALF & other Regd. firm) ସହିତ ଆବେଦନ କରିବା ହେବେ । ବାରବାଟୀ କଲ୍ୟାଣ ମଣ୍ଡପ ପାଇଁ ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତି ଟ. ୫୦,୦୦୦ଙ୍କା (ପଚାଶ ହଜାର ଟଙ୍କା) ଅମାନତ ଜମା ରାଶି (Security Deposit) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପଇଠ କରିବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ପରିପତ୍ର ସଂଖ୍ୟା: ୯୯୮ / ତା: ୧୯.୦୨.୨୦୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ /ଉପ – ଜିଲ୍ଲାପାଳ,ବାଲେଶ୍ୱର/ ତହସିଲଦାର,ବାଲେଶ୍ୱର/ ସବ- ରେଜିଷ୍ଟ୍ରାର,ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ,ଜାତୀୟ ରାଜପଥ,ବାଲେଶ୍ୱର/ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ /ବ୍ଲକ ଉନ୍ନୟନ ଅଧିକାରୀ,ସଦର,ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ ,ବାଲେଶ୍ୱର/ଜିଲ୍ଲା ନିୟୋଜିତ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ବାଲେଶ୍ୱର /ଆରକ୍ଷୀ ଅଧିକ୍ଷକ,ବାଲେଶ୍ୱର ଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ସେମାନେ ଉକ୍ତ ବିଜ୍ଞାପନ କୁ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଇବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା